## ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ସମ୍ପର୍କିତ ସମୀକ୍ଷା ବୈଠକ

### ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର ୩୦.୦୫.୨୦୨୬

ରାଜ୍ୟରେ ଉଚ୍ଚ ମାନର କୋଠାବାଡ଼ି, ରାସ୍ତା ଓ ସେତୁ ସହ ଭିତ୍ତିଭୂମି ନିର୍ମାଣକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି । ନିର୍ମାଣ କ୍ଷେତ୍ରରେ ଗୁଣଯୁକ୍ତ ସାମଗ୍ରୀର ବ୍ୟବହାର ଭିତ୍ତିଭୂମିର ସ୍ଥାୟିତ୍ୱକୁ ବୃଦ୍ଧି କରିଥାଏ । ଅନ୍ୟ ପକ୍ଷରେ ନିର୍ମାଣ ସାମଗ୍ରୀର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ପ୍ରକଳ୍ପର ସ୍ୱଚ୍ଛତା ଓ ନିର୍ମାଣ ପ୍ରକ୍ରିୟାକୁ ତ୍ୱରିତ ଗତିରେ ଆଗକୁ ନେବା ସହ ସରକାରୀ ଅର୍ଥର ସଠିକ୍ ଉପଯୋଗକୁ ପ୍ରୋତ୍ସାହିତ କରିଥାଏ । ଏହାକୁ ଲକ୍ଷ୍ୟ ରଖି ଆଜି ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।




ଲୋକସେବା ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ସରକାରଙ୍କ ନିର୍ମାଣ ବିଭାଗ, କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ, ରାଜ୍ୟ ଶ୍ରମ ଆୟୋଗ, ଓଡ଼ିଶା ବନ ଉନ୍ନୟନ କର୍ପୋରେସନ୍, ଆଇଓସିଏଲ୍, ଏଚ୍‌ପିସିଏଲ୍, ବିପିସିଏଲ୍ ଆଦି ପକ୍ଷରୁ ଜାରି ବିଜ୍ଞପ୍ତି ଓ ମୂଲ୍ୟକୁ ତର୍ଜମା କରି ରାଜ୍ୟରେ ଯେଭଳି ସଠିକ୍ ଏବଂ ସର୍ବଶ୍ରେଷ୍ଠ ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ କରାଯିବ, ସେଥି ନେଇ ଆଲୋଚନା ହୋଇଥିଲା ।

ଏଥିରେ ବାଲି, ଗୋଡ଼ି, ସିମେଣ୍ଟ, ଇଟା, ପିଚୁ ଠାରୁ ଆରମ୍ଭ କରି ବୈଦ୍ୟୁତିକ ସାମଗ୍ରୀ, ଫର୍ଣ୍ଣିଚର ଏବଂ କୋଠାବାଡ଼ି, ରାସ୍ତା, ସେତୁ ଆଦିର ନିର୍ମାଣରେ ବ୍ୟବହୃତ ବିଭିନ୍ନ ସାମଗ୍ରୀର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ ଏ ସମ୍ପର୍କିତ ପ୍ରକ୍ରିୟା ଅବଲମ୍ବନ ନେଇ ଆଲୋଚନା ହୋଇଥିଲା ।

ଏହି ପ୍ରକ୍ରିୟାକୁ ଶୀଘ୍ର ଶେଷ କରି ନିର୍ମାଣ ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ବୈଠକରେ ପରାମର୍ଶ ଦେଇଥିଲେ ।

ଏହି ବୈଠକରେ ନିର୍ମାଣ ବିଭାଗର ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ. ଏଲ୍.କେ. ପାଢ଼ୀ, ଇଆଇସି (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ଇଆଇସି (ଡିଜାଇନ୍, ପ୍ଲାନିଂ ଓ କୋର୍ଡ଼ିନେସନ୍) ଇଂ ସମୀର ହୋତା, ଇଆଇସି ରୋଡ୍ସ ଇଂ ଧାନଚାନ୍ଦ ନାୟକ, ମୁଖ୍ୟଯନ୍ତ୍ରୀ ଇଂ ପ୍ରିୟବ୍ରତ ସାମନ୍ତରାୟ, ମୁଖ୍ୟଯନ୍ତ୍ରୀ ଇଂ ଶିବବ୍ରତ ତରିଆ, ମୁଖ୍ୟଯନ୍ତ୍ରୀ ଇଂ ଅରବିନ୍ଦ ତ୍ରିପାଠୀ, ଅର୍ଥ ପରାମର୍ଶଦାତା ଶ୍ରୀ ରତୀକାନ୍ତ ମହାପାତ୍ରଙ୍କ ସମେତ ଜଳସମ୍ପଦ, ଗୃହ ଓ ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ସୁଜିତ ରଞ୍ଜନ ସ୍ୱାଇଁ
ଲୋକସମ୍ପର୍କ ଅଧିକାରୀ